


# ଆମ ଜଙ୍ଗଲ ଯୋଜନା ଦର୍ପଣ

ତ୍ରୈମାସିକ ସମ୍ବାଦ ପତ୍ରିକା | ଅକ୍ଟୋବର-ଡିସେମ୍ବର, ୨୦୨୪ | ଅଷ୍ଟମ ବର୍ଷ ▪ ସଂକଳନ ସଂଖ୍ୟା-୩

## ସୂଚୀପତ୍ର

- ପ୍ରକଳ୍ପ ଅବଧି ମଧ୍ୟରେ ଆମ ଜଙ୍ଗଲ ଯୋଜନାର ସମୁଦାୟ ସଫଳତା (ପ୍ରଚ୍ଛଦ କାହାଣୀ)
- ଚଳିତ ତ୍ରୈମାସରେ ସମ୍ପାଦିତ କାର୍ଯ୍ୟକ୍ରମ
- ସଫଳ କାହାଣୀ



## ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ

ଆମ ଜଙ୍ଗଲ ଯୋଜନା ଏହାର ସମ୍ପ୍ରସାରଣ ଅବଧିର ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ଅବଧି ମଧ୍ୟରେ ଜଙ୍ଗଲ ସୀମାନ୍ତରେ ବସବାସ କରୁଥିବା ସମ୍ପ୍ରଦାୟର ସ୍ଥାୟୀ ଜଙ୍ଗଲ ପରିଚାଳନା ଏବଂ ଜୀବିକା ପ୍ରୋତ୍ସାହନ ଦିଗରେ ଅନେକ ପଦକ୍ଷେପ ନିଆଯାଇଛି । ଏହି ପ୍ରକଳ୍ପ ଅଧୀନରେ ଗୋଷ୍ଠୀ ବିକାଶ ଓ ଜୀବିକା ପ୍ରୋତ୍ସାହନକୁ ପ୍ରାଥମିକତା ଦିଆଯାଇଛି । ଏହାବ୍ୟତୀତ ସମ୍ପ୍ରସାରଣ ଅବଧି ମଧ୍ୟରେ କ୍ଷେତ୍ରସ୍ତରୀୟ ତଦାରଖ ଓ ମୂଲ୍ୟାୟନକୁ ମଧ୍ୟ ସୁଦୃଢ଼ କରାଯାଇଛି ।

ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ଉଜୁଡା ଜଙ୍ଗଲର ପୁନରୁଦ୍ଧାର ସୁନିଶ୍ଚିତ କରିବା ଏବଂ ଅନ୍ୟପକ୍ଷରେ ଜଙ୍ଗଲ ସୀମାନ୍ତବାସିନ୍ଦାଙ୍କ ଜୀବିକାରେ ଉନ୍ନତି ଆଣିବା । ୨୦୨୪ ମସିହା ଡିସେମ୍ବର ମାସ ସୁଦ୍ଧା ୨୩ଟି ବନଖଣ୍ଡରେ ସମୁଦାୟ ୪,୬୦୧ଟି ବନ ସୁରକ୍ଷା ସମିତି ଅଧୀନରେ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସକ୍ରିୟ ଅଂଶଗ୍ରହଣରେ ୨,୨୯,୫୪୩ ହେକ୍ଟର ଜଙ୍ଗଲ ଅଞ୍ଚଳରେ ସହାୟକ ପ୍ରାକୃତିକ ପୁନର୍ଜନନ ସହିତ ୧୦୦୫ ହେକ୍ଟର ଜମିରେ ଏକ ଚକଡି (ବ୍ଲକ୍) ବୃକ୍ଷରୋପଣ କରାଯାଇଛି ।


ଅନୁସୂଚିତ ଜଙ୍ଗଲ ଭିତ୍ତିକ କାର୍ଯ୍ୟକ୍ରମ , ଜୀବିକା ପ୍ରୋତ୍ସାହନ ଏବଂ ଗୋଷ୍ଠୀ ବିକାଶ ପଦକ୍ଷେପ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଚଳିତ ତ୍ରୈମାସ (ଅକ୍ଟୋବର-ଡିସେମ୍ବର) ବର୍ଷର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା । ବନାଗ୍ନି କବଳରୁ ଜଙ୍ଗଲକୁ ସୁରକ୍ଷା ଦେବାପାଇଁ ବିଭିନ୍ନ ଉପାୟ ମାଧ୍ୟମରେ ଜନସଚେତନତା ସୃଷ୍ଟି କରି ଗୋଷ୍ଠୀ ସମୁଦାୟକୁ ଏକାଠି କରିବା ପାଇଁ ଚଳିତ ତ୍ରୈମାସରେ ଅତିରିକ୍ତ ପ୍ରୟାସ କରାଯାଇଛି ।

ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଜଙ୍ଗଲ ସୀମାନ୍ତରେ ବସବାସ କରୁଥିବା ଜନ ସମୁଦାୟର ପାରିବାରିକ ଆୟ ଉପରେ ଅଧିକ ପ୍ରଭାବ ପକାଇଥାଏ । ଜୀବିକା ପ୍ରୋତ୍ସାହନ ପାଇଁ ଏହି ପ୍ରକଳ୍ପରେ ସିଧାସଳଖ ଆର୍ଥିକ ସହାୟତାର ସୁବିଧା ନାହିଁ, ତଥାପି ଆନ୍ତଃ ବିଭାଗୀୟ ସମନ୍ୱୟ ମାଧ୍ୟମରେ ଅନ୍ୟ ସରକାରୀ ବିଭାଗ ଏବଂ ସଂସ୍ଥା ମାନଙ୍କଠାରୁ ପାଣ୍ଠି ସଂଗ୍ରହ କରି ଏହି କାର୍ଯ୍ୟକଳାପଗୁଡିକ ସମ୍ପାଦନ କରାଯାଉଅଛି । ଆମ ଜଙ୍ଗଲ ଯୋଜନା ଦଳ ସଦସ୍ୟମାନଙ୍କର ଦୃଢ଼ ସଂକଳ୍ପ ଏବଂ ପ୍ରତିବଦ୍ଧତା ଯୋଗୁଁ ଏହା ସମ୍ଭବ ହୋଇପାରିଛି ।

ଡିସେମ୍ବର, ୨୦୨୪ ସୁଦ୍ଧା ସମ୍ପନ୍ନ କାର୍ଯ୍ୟକଳାପ ଏବଂ ଘଟଣାଗୁଡ଼ିକର ଏକ ସଂକ୍ଷିପ୍ତ ବିବରଣୀ ସଂକଳନ କରାଯାଇ ଆମ ଜଙ୍ଗଲ ଯୋଜନା ଦର୍ପଣର ଏହି ସଂଖ୍ୟାରେ ସମସ୍ତ ଅଂଶୀଦାରଙ୍କ ଅବଗତି ପାଇଁ ସ୍ଥାନିତ କରାଯାଇଛି । ଏହା ବ୍ୟତୀତ ବନ ସୁରକ୍ଷା ସମିତି ମାନଙ୍କର ଉଦାହରଣଯୋଗ୍ୟ ପ୍ରୟାସ ଗୁଡିକୁ ଏହି ପ୍ରସଙ୍ଗରେ ଜୀବିକା ଏବଂ ସମନ୍ୱୟ ପଦକ୍ଷେପର ସଫଳତାର କାହାଣୀ ଭାବେ ବର୍ଣ୍ଣନା କରାଯାଇଛି । ଆଶା କରୁଛି, ଭବିଷ୍ୟତରେ ମଧ୍ୟ ସମସ୍ତ ଆମ ଜଙ୍ଗଲ ଯୋଜନା ବନଖଣ୍ଡ ଗୁଡିକ ଜଙ୍ଗଲ ସୀମାନ୍ତରେ ବସବାସ କରୁଥିବା ସମୁଦାୟମାନଙ୍କ ପାଇଁ ଏହିପରି ଅଭିନବ କାର୍ଯ୍ୟ ଜାରି ରଖିବେ ।

**ଡଃ. ମୀତା ବିଶ୍ୱାଳ,** ଭାରତୀୟ ବନ ସେବା
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଓ ପ୍ରକଳ୍ପ ନିର୍ଦ୍ଦେଶିକା
ଓଡିଶା ବନା*ଳ ଉନ୍ନୟନ ସମିତି

*"What we are doing to the forests of the world is but a mirror reflection of what we are doing to ourselves and to one another"*



**ପ୍ରଚ୍ଛଦ କାହାଣୀ**

## ପ୍ରକଳ୍ପ ଅବଧି ମଧ୍ୟରେ ଆମ ଜଙ୍ଗଲ ଯୋଜନାର ପ୍ରମୁଖ ସଫଳତାର ସଂକ୍ଷିପ୍ତ ବିବରଣୀ

ଆମ ଜଙ୍ଗଲ ଯୋଜନା (AJY) ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ, ଯାହା କି ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି ମାଧ୍ୟମରେ କାର୍ଯ୍ୟକାରୀ ହେଉଛି, ଯାହାର ଉଦ୍ଦେଶ୍ୟ ହେଉଛି ରାଜ୍ୟର ଜଙ୍ଗଲ ସୀମାନ୍ତରେ ବସବାସ କରୁଥିବା ସମୁଦାୟଙ୍କ ସହଭାଗୀତାରେ ସ୍ଥାୟୀ ଜଙ୍ଗଲ ପରିଚାଳନା ଏବଂ ବିକଳ୍ପ ଜୀବିକାକୁ ପ୍ରୋତ୍ସାହିତ କରିବା । ଏହି ଯୋଜନାର ପ୍ରାରମ୍ଭିକ ଅବଧି ୬ ବର୍ଷ ଅର୍ଥାତ୍ ଆର୍ଥିକ ବର୍ଷ ୨୦୧୬-୧୭ରୁ ୨୦୨୧-୨୨ ପର୍ଯ୍ୟନ୍ତ ଥିଲା, ଯାହାକୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବର୍ତ୍ତମାନ ରାଜ୍ୟର ୨୨ଗୋଟି ବନଖଣ୍ଡ ଓ ବନ୍ୟପ୍ରାଣୀ ବନଖଣ୍ଡରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି, ଯେଉଁଥିରେ ପ୍ରାୟ ୪.୨ ଲକ୍ଷ ପରିବାର ସାମିଲ ଅଛନ୍ତି । ଯୁଗ୍ମ ଜଙ୍ଗଲ ପରିଚାଳନା (ଜେଏଫଏମ) ପଦ୍ଧତିରେ ବନ ସୁରକ୍ଷା ସମିତି (ବନ ସୁରକ୍ଷା ସମିତି) ନାମକ ସ୍ଥାନୀୟ ଗୋଷ୍ଠୀ ଭିତ୍ତିକ ଅନୁଷ୍ଠାନର ସକ୍ରିୟ ଅଂଶଗ୍ରହଣରେ ଏହାର ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଉଛି । ଆମ ଜଙ୍ଗଲ ଯୋଜନା ପାଇଁ ପାଣ୍ଠିର ପ୍ରମୁଖ ଉତ୍ସ ହେଉଛି ରାଜ୍ୟ କାମ୍ପା ଓ ରାଜ୍ୟ ଯୋଜନା (କାର୍ଯ୍ୟକ୍ରମ ବ୍ୟୟ) ।

୨୦୨୪ ମସିହା ଡିସେମ୍ବର ମାସ ସୁଦ୍ଧା ସମୁଦାୟ ୪୬୦୧ ସଂଖ୍ୟକ ବନ ସୁରକ୍ଷା ସମିତିକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ପ୍ରକଳ୍ପର ଏକ ପ୍ରମୁଖ ନୀତି ଭାବରେ ସମସ୍ତ ପ୍ରକଳ୍ପ ଗ୍ରାମରେ ମାଇକ୍ରୋ-ପ୍ଲାନ୍ ପ୍ରସ୍ତୁତ କରାଯାଇ ଗ୍ରାମସଭାରେ ଅନୁମୋଦନ କରାଯାଇଛି ଏବଂ ସମସ୍ତ ଗ୍ରାମରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହାବ୍ୟତୀତ ୧୪,୨୬୩ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ବିଭିନ୍ନ ଆୟ ସୃଷ୍ଟି କାରୀ କାର୍ଯ୍ୟକଳାପ (ଆଇଜିଏ) ପାଇଁ ବିଭିନ୍ନ ସରକାରୀ ବିଭାଗର ଯୋଜନା ସହିତ ଆନ୍ତଃକ୍ଷେତ୍ରୀୟ ସମନ୍ୱୟ ମାଧ୍ୟମରେ ସଂଯୋଗ କରାଯାଇଛି । ପ୍ରକଳ୍ପ ଅବଧି ମଧ୍ୟରେ (ଡିସେମ୍ବର, ୨୦୨୪ ସୁଦ୍ଧା) ୨,୦୯,୫୪୩ ହେକ୍ଟର ଜଙ୍ଗଲ ଅଞ୍ଚଳରେ ବୃକ୍ଷରୋପଣ ବିନା ସହାୟକ ପ୍ରାକୃତିକ ପୁନର୍ଜ୍ଜନନ ଏବଂ ୧୯,୯୭୫ ହେକ୍ଟର ଜମିରେ ବୃକ୍ଷରୋପଣ ସହିତ ସହାୟକ ପ୍ରାକୃତିକ ପୁନର୍ଜ୍ଜନନ କାର୍ଯ୍ୟ କରାଯାଇଛି । ଏତଦ୍ ବ୍ୟତୀତ ୧୦୦୫ ହେକ୍ଟର ଜଙ୍ଗଲ ଜମିରେ ଏକ ଚକଡି ବୃକ୍ଷରୋପଣ କରାଯାଇଛି । ସେଥିମଧ୍ୟରୁ ଚଳିତ ବର୍ଷ, ଅର୍ଥାତ୍ ୨୦୨୪-୨୫ ରେ ୪୨,୭୩୭ ହେକ୍ଟର ଜଙ୍ଗଲ ଅଞ୍ଚଳରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲିଛି । ଏହାବ୍ୟତୀତ ଜଙ୍ଗଲ ସୁରକ୍ଷା କାର୍ଯ୍ୟ ଯଥା ସର୍ଭେ, ସୀମା ନିର୍ଦ୍ଧାରଣ, ସୀମା ଖୁଣ୍ଟି ସ୍ଥାପନ ଓ ବନାଗ୍ନି ନିୟନ୍ତ୍ରଣ କାର୍ଯ୍ୟ ମଧ୍ୟ ଏହିସବୁ ଅନୁସୂଚିତ ଜଙ୍ଗଲ ଅଞ୍ଚଳରେ କରାଯାଉଅଛି ।

ପ୍ରକଳ୍ପ ଅଧୀନରେ ଥିବା ବନ ସୁରକ୍ଷା ସମିତି ଅନ୍ତର୍ଗତ ନିର୍ଦ୍ଧାରିତ ଅଞ୍ଚଳରେ ଚେକ୍ ଡ୍ୟାମ୍, ହାଲ୍କା ପଥର ବନ୍ଧ (LBCD) ଏବଂ ବିକ୍ଷିପ୍ତ ଟ୍ରେଞ୍ଚ ଭଳି ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟ କରାଯାଇଛି ।

ବନ ସୁରକ୍ଷା ସମିତି ସଦସ୍ୟ ଏବଂ ପ୍ରକଳ୍ପ ଦଳର ନିରନ୍ତର ଉଦ୍ୟମ ଯୋଗୁଁ ପ୍ରକଳ୍ପର ଅବଧି ମଧ୍ୟରେ ଆମ ଜଙ୍ଗଲ ଯୋଜନା ଅଧୀନରେ ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳରେ ବନାଗ୍ନି ଘଟଣା ନଗଣ୍ୟ ଥିଲା ।

ପ୍ରକଳ୍ପ ଉପାଦାନ ଏବଂ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅଧୀନରେ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳିତ ହୋଇଛି, ଯେଉଁଥିରେ ପ୍ରକଳ୍ପ ଅଞ୍ଚଳର ୪୬୦୧ ବନ ସୁରକ୍ଷା ସମିତି ଏବଂ ୧୪,୨୬୩ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୨,୭୫,୧୧୭ ସଦସ୍ୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ।

ଜୀବିକା ପ୍ରୋତ୍ସାହନ ଆମ ଜଙ୍ଗଲ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଆମ ଜଙ୍ଗଲ ଯୋଜନାର ଲକ୍ଷ୍ୟ ହେଉଛି ଜଙ୍ଗଲ ସୀମାନ୍ତରେ ରହୁଥିବା ସମୁଦାୟମାନଙ୍କ ମଧ୍ୟରେ ବିକଳ୍ପ ଜୀବିକା ସୁଯୋଗକୁ ପ୍ରୋତ୍ସାହିତ କରିବା, ଯାହା ଦ୍ୱାରା ଦୈନନ୍ଦିନ ଆବଶ୍ୟକତା ପାଇଁ ସେମାନଙ୍କର ଜଙ୍ଗଲ ଉପରେ ନିର୍ଭରଶୀଳତା ହ୍ରାସ ପାଇବ; ଫଳରେ ଜଙ୍ଗଲ ଭିତ୍ତିକ ସମ୍ପଦ କୁ ସୁରକ୍ଷିତ ରଖାଯାଇପାରିବ । ତେବେ ପ୍ରକଳ୍ପ ଗ୍ରାମଗୁଡ଼ିକରେ ଜୀବିକା ନିର୍ବାହକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରକଳ୍ପ ତରଫରୁ ସିଧାସଳଖ କୌଣସି ସହାୟତାର ବ୍ୟବସ୍ଥା ନାହିଁ । ଏହା ଅନ୍ୟାନ୍ୟ ସରକାରୀ ବିଭାଗର ଯୋଜନା ସହ ସମନ୍ୱୟ ମାଧ୍ୟମରେ କରାଯାଉଅଛି । ଜୀବିକା ପ୍ରୋତ୍ସାହନ, ଆୟ ସୃଷ୍ଟି ଏବଂ ଗୋଷ୍ଠୀ ଭିତ୍ତିଭୂମି ବିକାଶ ପାଇଁ ପ୍ରକଳ୍ପ ଦଳ ଆନ୍ତଃକ୍ଷେତ୍ରୀୟ ସମନ୍ୱୟକୁ ପ୍ରାଥମିକତା ଦେଇଛି । ଏହି ଯୋଜନା ଅଧୀନରେ ଗୋଷ୍ଠୀ ସଂଚାଳନ ଏବଂ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ପାଇଁ ୧୫ଟି ଅଂଶୀଦାର ବେସରକାରୀ ସଂସ୍ଥାକୁ କ୍ଷେତ୍ରସ୍ତରରେ ସହାୟକ ଅନୁଷ୍ଠାନ ଭାବରେ ନିୟୋଜିତ କରାଯାଇଛି । ଏହାବ୍ୟତୀତ ୬୧୨ଗୋଟି ବନ ସୁରକ୍ଷା ସମିତି କୋଠା ଗୃହ ତଥା ଆୟ ସୃଷ୍ଟି କାର୍ଯ୍ୟକଳାପ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇ ବହୁବିଧ ବ୍ୟବହାର ପାଇଁ ବନ ସୁରକ୍ଷା ସମିତିଗୁଡ଼ିକୁ ହସ୍ତାନ୍ତର କରାଯାଇଛି ।

୨୦୨୪ ମସିହା ଡିସେମ୍ବର ମାସ ସୁଦ୍ଧା ଅନ୍ୟାନ୍ୟ ସରକାରୀ ବିଭାଗର ଯୋଜନା ମାଧ୍ୟମରେ ୧୧୪୮.୭୮ କୋଟି ଟଙ୍କା ବିନିଯୋଗ କରାଯାଇଛି, ଯେଉଁଥିରେ ଜୀବିକା ପ୍ରୋତ୍ସାହନ ଏବଂ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଅଧୀନରେ ୪୬୦୧ ଗୋଟି ବନ ସୁରକ୍ଷା ସମିତି ଏବଂ ୧୪,୨୬୩ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୩୪.୩୦ ଲକ୍ଷ ଲୋକ ଉପକୃତ ହୋଇଛନ୍ତି । ପ୍ରକଳ୍ପ ଅ*ଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ୪୨ଗୋଟି ବିଭିନ୍ନ ବିଭାଗ ଏବଂ ସିଏସଆର ସଂସ୍ଥା ସହିତ ସମନ୍ୱୟ ରକ୍ଷା କରି ବିଭିନ୍ନ ଆୟ ସୃଷ୍ଟି କାରୀ କାର୍ଯ୍ୟକ୍ରମ (IGP) ସହିତ ମଧ୍ୟ ସଂଯୁକ୍ତ ଅଛନ୍ତି । ଏହାବ୍ୟତୀତ ଗୋଷ୍ଠୀ ଭିତ୍ତିଭୂମି ବିକାଶ ସମ୍ବନ୍ଧୀୟ ଅନେକ କାର୍ଯ୍ୟକ୍ରମ ମଧ୍ୟ ଆନ୍ତଃ ବିଭାଗୀୟ ସମନ୍ୱୟ ପଦକ୍ଷେପ ଅଧୀନରେ କରାଯାଇଛି । ଜୀବିକା ପ୍ରୋତ୍ସାହନ କାର୍ଯ୍ୟ, ଯଥା: ଗ୍ରାମୀଣ ଯୁବକମାନଙ୍କ ଦକ୍ଷତା ବିକାଶ, ଉଦ୍ୟୋଗ ବିକାଶ ଭିତ୍ତିକ କାର୍ଯ୍ୟକଳାପ ପାଇଁ ବ୍ୟକ୍ତି/ଗୋଷ୍ଠୀକୁ ସହାୟତା, ରାସ୍ତା, ଜଳାଶୟ ଏବଂ ଅନ୍ୟାନ୍ୟ ସାମୂହିକ ସମ୍ପତ୍ତିର ନିର୍ମାଣ/ମରାମତି/ନବୀକରଣ, ପାନୀୟ ଜଳ ଯୋଗାଣ, ସରକାରୀ କଲ୍ୟାଣକାରୀ ଯୋଜନାସହ ସଂଯୋଗ, ବ୍ୟକ୍ତିଗତ ଘର ନିର୍ମାଣ ଏବଂ ବିଭିନ୍ନ ମନରେଗା ଭିତ୍ତିକ କାର୍ଯ୍ୟକଳାପ ଆନ୍ତଃ କ୍ଷେତ୍ରୀୟ ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଛି, ଯାହାଦ୍ୱାରା ଜଙ୍ଗଲ ସୀମାନ୍ତରେ ରହୁଥିବା ଲୋକଙ୍କ ଜୀବନଧାରଣର ମାନରେ ଅସାଧାରଣ ଭାବରେ ଉନ୍ନତି ଆସି ପାରିଛି ।

## ଚଳିତ ତ୍ରୈମାସରେ କରାଯାଇଥିବା କାର୍ଯ୍ୟକଳାପ

### କ) ଗୋଷ୍ଠୀ ସଂଚାଳନ :

ବନ ସୁରକ୍ଷା ସମିତି (VSS) ହେଉଛି ପ୍ରମୁଖ ତୃଣମୂଳ ସ୍ତରର ଅନୁଷ୍ଠାନ ଯାହା ମାଧ୍ୟମରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମ ପରିଚାଳିତ ହେଉଛି । ତେଣୁ ଯୋଜନା ଅନ୍ତର୍ଗତ ଏହି ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ନିୟମିତ ବନ ସୁରକ୍ଷା ସମିତି ବୈଠକ ଆୟୋଜନ, ଗୋଷ୍ଠୀ ସଦସ୍ୟମାନଙ୍କ ପାଇଁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ, ଅନ୍ୟାନ୍ୟ ସରକାରୀ ବିଭାଗ ସହିତ ଆନ୍ତଃ-କ୍ଷେତ୍ରୀୟ ସମନ୍ୱୟ ମାଧ୍ୟମରେ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ସବୁ ହେଉଛି ଏହି ଯୋଜନା ଅଧୀନରେ ପରିଚାଳିତ ପ୍ରମୁଖ କାର୍ଯ୍ୟ । ଚଳିତ ତ୍ରୈମାସରେ ୧୪୨୪ ଗୋଟି ବନ ସୁରକ୍ଷା ସମିତିରେ ୫,୬୫୬ ଟି ବନ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଛି । ତେବେ ୨୦୨୪ ଡିସେମ୍ବର ମାସ ସୁଦ୍ଧା ସମୁଦାୟ ବନ ସୁରକ୍ଷା ସମିତି ବୈଠକ ସଂଖ୍ୟା ହେଉଛି ୯୯,୭୭୯ । ଅପରପକ୍ଷରେ ଏହି ପ୍ରକଳ୍ପ ଅଧୀନରେ ଗୋଷ୍ଠୀ ବିକାଶ ଓ ଜୀବିକା ପ୍ରୋତ୍ସାହନ କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି । ଆମ ଜଙ୍ଗଲ ଯୋଜନା କାର୍ଯ୍ୟକ୍ରମ ଅଧୀନରେ ୧୪,୨୬୩ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ବିଭିନ୍ନ ସରକାରୀ ବିଭାଗ ସହିତ ଆନ୍ତଃକ୍ଷେତ୍ରୀୟ ସମନ୍ୱୟ ମାଧ୍ୟମରେ ବିଭିନ୍ନ ଆୟ ସୃଷ୍ଟି କାର୍ଯ୍ୟକଳାପ ସହିତ ସଂଯୋଗ କରାଯାଇଛି । ବନ ସୁରକ୍ଷା ସମିତି ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଏବଂ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମକୁ ସୁଗମ କରିବାରେ ଆମ ଜଙ୍ଗଲ ଯୋଜନା ଦଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।




ଫୁଲବାଣୀ ବନଖଣ୍ଡ ଅନ୍ତର୍ଗତ କମ୍ବିନାଜୁ ବନ ସୁରକ୍ଷା ସମିତିରେ କାର୍ଯ୍ୟକାରୀ କମିଟି ବୈଠକ



ରାଉରକେଲା ବନଖଣ୍ଡ ଅନ୍ତର୍ଗତ ଟାଇନସର ବନ ସୁରକ୍ଷା ସମିତିରେ କାର୍ଯ୍ୟକାରୀ କମିଟି ବୈଠକ




କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ବିରିଡା ବନ ସୁରକ୍ଷା ସମିତିରେ କାର୍ଯ୍ୟକାରୀ କମିଟି ବୈଠକ



କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ବୁଢ଼ିକାପୁଡି ବନ ସୁରକ୍ଷା ସମିତିରେ ବନାଗ୍ନି ନିୟନ୍ତ୍ରଣ ପାଇଁ ସଭା




ଦେବଗଡ ବନଖଣ୍ଡ ଅନ୍ତର୍ଗତ କମ୍ପରଗାଡିଆ ବନ ସୁରକ୍ଷା ସମିତିରେ କାର୍ଯ୍ୟକାରୀ କମିଟି ବୈଠକ




କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ରେବେଣା ବନ ସୁରକ୍ଷା ସମିତିରେ କାର୍ଯ୍ୟକାରୀ କମିଟି ବୈଠକ

## ଖ) ଜଙ୍ଗଲ ପୁନରୁଦ୍ଧାର କାର୍ଯ୍ୟକ୍ରମ (ସହାୟକ ପ୍ରାକୃତିକ ପୁନର୍ଜ୍ଜନନର ରକ୍ଷଣାବେକ୍ଷଣ)

ଆମ ଜଙ୍ଗଲ ଯୋଜନା ଅନ୍ତର୍ଗତ ସହାୟକ ପ୍ରାକୃତିକ ପୁନର୍ଜ୍ଜନନ (ବୃକ୍ଷରୋପଣ ସହିତ ଏବଂ ବୃକ୍ଷରୋପଣ ବିନା) ଅବକ୍ଷୟ ହୋଇଥିବା ଜଙ୍ଗଲର ପୁନରୁଦ୍ଧାର ପାଇଁ ପ୍ରଭାବଶାଳୀ ପଦ୍ଧତି ଭାବରେ ବିବେଚନା କରାଯାଏ। ଚଳିତ ତ୍ରୈମାସରେ ୨୨ଗୋଟି ବନଖଣ୍ଡରେ ସହାୟକ ପ୍ରାକୃତିକ ପୁନର୍ଜ୍ଜନନର (ବୃକ୍ଷରୋପଣ ସହିତ ଏବଂ ବୃକ୍ଷରୋପଣ ବିନା) ରକ୍ଷଣାବେକ୍ଷଣ କରାଯାଇଛି। ଏହା ୧୪୨୪ ବନ ସୁରକ୍ଷା ସମିତିରେ ୧୯,୯୨୫ ହେକ୍ଟର ପରିମିତ ବୃକ୍ଷରୋପଣ ସହିତ ଏବଂ ୨୨,୮୧୨ ହେକ୍ଟର ପରିମିତ ବୃକ୍ଷରୋପଣ ବିନା ପୁନର୍ଜ୍ଜନନକାର୍ଯ୍ୟର ଚତୁର୍ଥ ବର୍ଷର ରକ୍ଷଣାବେକ୍ଷଣ କାର୍ଯ୍ୟ ଅନ୍ତର୍ଭୁକ୍ତ।




ଜୟପୁର ବନଖଣ୍ଡ ଅନ୍ତର୍ଗତ ଯତିଗୁଡା ବନ ସୁରକ୍ଷା ସମିତିରେ ବୃକ୍ଷରୋପଣ ସହିତ ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ କ୍ଷେତ୍ରରେ ରକ୍ଷ୍ୟା ବନ୍ଧନ



ମାଲକାନଗିରି ବନଖଣ୍ଡ ଅନ୍ତର୍ଗତ କୋଣ୍ଡେଲଗୁଡା ବନ ସୁରକ୍ଷା ସମିତିରେ ବୃକ୍ଷରୋପଣ ସହିତ ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ କ୍ଷେତ୍ର




ମାଲକାନଗିରି ବନଖଣ୍ଡ ଅନ୍ତର୍ଗତ କୋଣ୍ଡେଲଗୁଡା ବନ ସୁରକ୍ଷା ସମିତିରେ ବୃକ୍ଷରୋପଣ ସହିତ ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ କ୍ଷେତ୍ର




କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ନୁହାମାଳିଆ ବନ ସୁରକ୍ଷା ସମିତିରେ ବୃକ୍ଷରୋପଣ ବିନା ପ୍ରାକୃତିକ ଜଙ୍ଗଲର ପୁନର୍ଜ୍ଜନନ କ୍ଷେତ୍ର

## ଗ) ବନଖଣ୍ଡ ଏବଂ ବନ ସୁରକ୍ଷା ସମିତି ସଦସ୍ୟଙ୍କ ଦ୍ୱାରା ଅନ୍ୟାନ୍ୟ ଜଙ୍ଗଲ ସୁରକ୍ଷା ପଦକ୍ଷେପ:

ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ମାଧ୍ୟମରେ ଜଙ୍ଗଲ ସୁରକ୍ଷା, ଜଙ୍ଗଲ ଓ ପରିବେଶର ପୁନରୁଦ୍ଧାର ପାଇଁ ସାଧାରଣ ଜନତା, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ଅଭିନବ ଉପାୟ ଓ ପଦକ୍ଷେପ ଗ୍ରହଣ କରାଯାଇଛି । ସେଗୁଡ଼ିକ ମଧ୍ୟରୁ କିଛି ନିମ୍ନରେ ଚିତ୍ର ଆକାରରେ ପ୍ରଦାନ କରାଯାଇଛି ।



କେନ୍ଦୁଝର ବନଖଣ୍ଡରେ ସର୍ବସାଧାରଣ ସଚେତନତା ରାଲି



ରାଉରକେଲା ବନଖଣ୍ଡ ଅନ୍ତର୍ଗତ ନୂଆଗାଁ ବନ ସୁରକ୍ଷା ସମିତିରେ ବିଦ୍ୟାଳୟ ଛାତ୍ରୀ/ଛାତ୍ରମାନଙ୍କ ପାଇଁ ସଚେତନତା ଶିବିର




ନବରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ସିରିଗୁଡା ବନ ସୁରକ୍ଷା ସମିତି ସଭ୍ୟଙ୍କ ଦ୍ୱାରା ଡେଙ୍ଗୁ ସଚେତନତା ଶିବିର



ଜୟପୁର ବନଖଣ୍ଡ ଅନ୍ତର୍ଗତ ଗୁପ୍ତେଶ୍ୱର ବନ ସୁରକ୍ଷା ସମିତିରେ ବୃକ୍ଷରୋପଣ ସ୍ଥାନରେ ରକ୍ଷା ବନ୍ଧନ ସହିତ ଜଙ୍ଗଲ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ




ଦେବଗଡ ବନଖଣ୍ଡ ଅନ୍ତର୍ଗତ ମର୍ଦାଙ୍ଗ ବନ ସୁରକ୍ଷା ସମିତିରେ ବୃକ୍ଷରୋପଣ ସ୍ଥାନରେ ରକ୍ଷା ବନ୍ଧନ ସହିତ ଜଙ୍ଗଲ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ




କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଧର୍ମଗଡ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ/ଛାତ୍ରମାନଙ୍କ ପାଇଁ ସଚେତନତା ଶିବିର

## ଘ) ବିଭିନ୍ନ ସରକାରୀ ବିଭାଗର ଯୋଜନା ସହିତ ସମନ୍ୱୟ ମାଧ୍ୟମରେ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ:

ବିଭିନ୍ନ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ସୀମାନ୍ତରେ ବସବାସ କରୁଥିବା ସମ୍ପ୍ରଦାୟର ଜୀବିକାକୁ ପ୍ରୋତ୍ସାହିତ କରିବା ଆମ ଜଙ୍ଗଲ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ। ବିଭିନ୍ନ ସରକାରୀ ବିଭାଗର ଯୋଜନା ସହ ସମନ୍ୱୟ ମାଧ୍ୟମରେ ଜଙ୍ଗଲ ସୀମାନ୍ତ ଗ୍ରାମରେ ବାସ କରୁଥିବା ଲୋକଙ୍କ ଜୀବିକା ଏବଂ ରୋଜଗାର ସୃଷ୍ଟି କାର୍ଯ୍ୟକୁ ସୁଗମ କରିବା ପାଇଁ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପରେ ଲକ୍ଷ୍ୟ ରଖାଯାଇଛି। ଆମ ଜଙ୍ଗଲ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ସମ୍ପ୍ରଦାୟଗୁଡ଼ିକୁ ବିଭିନ୍ନ ସରକାରୀ ବିଭାଗ ଅଧୀନରେ ଥିବା ବିଭିନ୍ନ ସାମାଜିକ-ଅର୍ଥନୈତିକ, କଲ୍ୟାଣକାରୀ ଏବଂ ଆୟ ସୃଷ୍ଟି କାରୀ ଯୋଜନା ସହିତ ସଂଯୋଗ କରାଯାଇଛି। ଫଳରେ ପ୍ରକଳ୍ପ ଅନ୍ତର୍ଗତ ବନ ସୁରକ୍ଷା ସମିତିରେ ବିଗତ କିଛି ବର୍ଷ ମଧ୍ୟରେ ଆଦିବାସୀ ସମ୍ପ୍ରଦାୟର ଜୀବିକା ଦୃଶ୍ୟପଟ୍ଟରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଜୀବିକାଭିତ୍ତିକ କାର୍ଯ୍ୟକ୍ରମ, ଗ୍ରାମୀଣ ଯୁବକମାନଙ୍କ ଦକ୍ଷତା ବିକାଶ, ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ପାଇଁ ବ୍ୟକ୍ତି/ ଗୋଷ୍ଠୀକୁ ସହାୟତା, ରାସ୍ତା, ଜଳାଶୟ ଏବଂ ଅନ୍ୟାନ୍ୟ ସାମୂହିକ ସମ୍ପତ୍ତିର ନିର୍ମାଣ/ ମରାମତି/ ନବୀକରଣ, ପାନୀୟ ଜଳ ଯୋଗାଣ, ସରକାରୀ କଲ୍ୟାଣକାରୀ ଯୋଜନା ସହିତ ସଂଯୋଗ, ବ୍ୟକ୍ତିଗତ ଗୃହ ନିର୍ମାଣ ଏବଂ ମନରେଗା ଭିତ୍ତିକ କାର୍ଯ୍ୟ ଇତ୍ୟାଦି ଆନ୍ତଃ-କ୍ଷେତ୍ରୀୟ ସମନ୍ୱୟ ମାଧ୍ୟମରେ ସମ୍ଭବ ହୋଇପାରିଛି । ଏହାବ୍ୟତୀତ ଗ୍ରାମ ଭିତ୍ତିଭୂମି ବିକାଶ ପାଇଁ ସର୍ବନିମ୍ନ ପ୍ରକଳ୍ପ ବିନିଯୋଗରେ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ସହାୟତା ଉପଲବ୍ଧ ହୋଇଛି। ୨୦୨୪-୨୫ (ଏପ୍ରିଲ-ଡିସେମ୍ବର, ୨୦୨୪) ବର୍ଷରେ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ ମାଧ୍ୟମରେ ୧୮୬.୩୦ କୋଟି ଟଙ୍କାର ବିଭିନ୍ନ କାର୍ଯ୍ୟପନ୍ଥା କାର୍ଯ୍ୟକାରୀ ହୋଇଛି, ଯାହା ଫଳରେ ୩,୫୭,୨୭୦ ହିତାଧିକାରୀ ଉପକୃତ ହୋଇ ପାରିଛନ୍ତି, ଯାହାକି ସମନ୍ୱୟଭିତ୍ତିକ କାର୍ଯ୍ୟକ୍ରମର ସଫଳତାକୁ ପ୍ରମାଣିତ କରେ। ମନରେଗା, ସୁଭଦ୍ରା ଯୋଜନା, ମିଶନ ଶକ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ), ସିଏମ କିଷାନ, ସ୍ୱଚ୍ଛ ଭାରତ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଜାତୀୟ ଓ ରାଜ୍ୟ ଉଦ୍ୟାନ କୃଷି ମିଶନ, ରାଜ୍ୟ ମିଲେଟ ମିଶନ, ଏମକେୟୁୱାଇ ଏବଂ ଅନ୍ୟାନ୍ୟ ପାଣ୍ଠିକୁ ମିଶାଇ ଏହି ଯୋଜନା ୪୨ଟି ବିଭାଗରୁ ସଫଳତାର ସହ ସମନ୍ୱୟଭିତ୍ତିକ ସହାୟତା ଆଣିପାରିଛି ।




କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ କାଶିରାପାଟଣା ବନ ସୁରକ୍ଷା ସମିତିର ସଭ୍ୟ ମାନଙ୍କୁ ପନିପରିବା ଚାଷ ପାଇଁ ସହାୟତା




କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ କନ୍ଦାରପୋଷି ବନ ସୁରକ୍ଷା ସମିତିର ସଭ୍ୟ ମାନଙ୍କୁ ପନିପରିବା ଚାଷ ପାଇଁ ସହାୟତା




କୋରାପୁଟ ବନଖଣ୍ଡ ଅନ୍ତର୍ଗତ ତଳଗୁଡା ବନ ସୁରକ୍ଷା ସମିତିର ସଭ୍ୟ ମାନଙ୍କୁ ହଳଦୀ ଚାଷ ପାଇଁ ସହାୟତା



କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ବିଷ୍ଣୁ ପାଟରାଣୀ ଏସଏଚଜି ସଭ୍ୟା ମାନଙ୍କୁ ବନ୍ଧା କୋବି ଚାଷ ପାଇଁ ସହାୟତା




ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଲଙ୍ଗଲଖୋଲ ବନ ସୁରକ୍ଷା ସମିତି ସଭ୍ୟଙ୍କୁ
ପନିପରିବା ଚାଷ ପାଇଁ ସହାୟତା



କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଆଖୁପାଳ ବନ ସୁରକ୍ଷା ସମିତି ସଭ୍ୟଙ୍କୁ
ଲଘୁଶସ୍ୟ ଚାଷ ପାଇଁ ସହାୟତା




କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ତିଆଡିପୋଷି ବନ ସୁରକ୍ଷା ସମିତିର ମା ଦୂର୍ଗା
ଏସଏଚଜି ସଭ୍ୟା ମାନଙ୍କୁ ପନିପରିବା ଚାଷ ପାଇଁ ସହାୟତା




ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଜାମୁନାଳୀ ବନ ସୁରକ୍ଷା ସମିତି ସଭ୍ୟଙ୍କୁ କଦଳୀ
ଚାଷ ପାଇଁ ସହାୟତା



ଦେବଗଡ ବନଖଣ୍ଡ ଅନ୍ତର୍ଗତ ମକରମୁଣ୍ଡା ବନ ସୁରକ୍ଷା ସମିତି ସଭ୍ୟଙ୍କୁ ଛେଳି
ପାଳନ ସହାୟତା



କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଖଜୁରିଝରଣ ବନ ସୁରକ୍ଷା ସମିତିର ଏସଏଚଜି
ସଭ୍ୟା ମାନଙ୍କୁ ଛେଳି ପାଳନ ସହାୟତା






ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଜରପଡା ରେଞ୍ଜରେ ଚାଷୀମାନଙ୍କୁ ପନିପରିବା ବିହନ ସହାୟତା




ଦେବଗଡ ବନଖଣ୍ଡ ଅନ୍ତର୍ଗତ କୁମୁଡାପାଲି ବନ ସୁରକ୍ଷା ସମିତି ଅନ୍ତର୍ଗତ ତୁଳସୀ ଏସଏଚଜିର ସଭ୍ୟାଙ୍କୁ ଘର ଅଗଣାରେ କୁକୁଡା ପାଳନ ସହାୟତା




କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ନାଇଗାଁ ବନ ସୁରକ୍ଷା ସମିତି ସଭ୍ୟଙ୍କୁ ଛତୁ ଚାଷ ସହାୟତା







ରାଉରକେଲା ବନଖଣ୍ଡ ଅନ୍ତର୍ଗତ ରିଉଁ ଏବଂ ପ୍ରତାପପୁର ବନ ସୁରକ୍ଷା ସମିତିରେ ଜିଆ ଖତ ପ୍ରସ୍ତୁତି ଏବଂ ପ୍ୟାକିଙ୍ଗ







କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ବିଷ୍ଣୁ ପାଟରାଣୀ ଏସଏଚଜି ସଭ୍ୟା ମାନଙ୍କୁ ବନ୍ଧା କୋବି ଚାଷ ପାଇଁ ସହାୟତା

## ସଂକ୍ଷିପ୍ତ ଖବର

### ସପ୍ତଦଶ କଳିଙ୍ଗ ହର୍ବାଲ ମେଳାରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ଅଂଶଗ୍ରହଣ

ଓଡ଼ିଶା ସରକାରଙ୍କ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ ପକ୍ଷରୁ ୨୦୨୪ ନଭେମ୍ବର ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ '୧୭ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା'ରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଅଂଶଗ୍ରହଣ କରିଥିଲା । ବିଭିନ୍ନ ଅଂଶୀଦାରଙ୍କ ଦ୍ୱାରା ପାରମ୍ପରିକ ହର୍ବାଲ ଏବଂ ଅନ୍ୟାନ୍ୟ ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ଏହା ଏକ ନିଆରା କାର୍ଯ୍ୟକ୍ରମ ଥିଲା । ଏହାବ୍ୟତୀତ ପ୍ରଦର୍ଶନୀର ପୂରା ଦିନସମୟରେ ବୈଷୟିକ ଅଧିବେଶନ ଚାଲିଥିଲା । ଏହି କାର୍ଯ୍ୟକ୍ରମ ଆମର ବନ ସୁରକ୍ଷା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ପାରମ୍ପରିକ ଜଙ୍ଗଲ ଏବଂ ଔଷଧୀୟ ଚିକିତ୍ସା ଉତ୍ପାଦର ପ୍ରଚାର ଏବଂ ବିକ୍ରୟ ପାଇଁ ଏକ ଉପଯୁକ୍ତ ସୁଯୋଗ ପ୍ରଦାନ କରିଥିଲା । ପ୍ରକଳ୍ପ ଅଞ୍ଚଳର ବନ ସୁରକ୍ଷା ସମିତି , ଇଡିସି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ସାଧାରଣ ପ୍ରଦର୍ଶନୀ ମାଧ୍ୟମରେ ସେମାନଙ୍କ ଉତ୍ପାଦ, ବ୍ରାଣ୍ଡ୍ ଏବଂ ପରିଚୟକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସୁବିଧାକୁ ବ୍ୟବହାର କରିଥିଲେ । ଏହି ଅବସରରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିକୁ ସରକାରୀ ବର୍ଗରେ ଶ୍ରେଷ୍ଠ ଷ୍ଟଲ ପାଇଁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା, ଯାହା ଆମ ଜଙ୍ଗଲ ଯୋଜନାର ସମସ୍ତ ଅଂଶୀଦାରଙ୍କ ପାଇଁ ବହୁତ ପ୍ରେରଣାଦାୟକ ଥିଲା ।




ସପ୍ତଦଶ କଳିଙ୍ଗ ହର୍ବାଲ ମେଳାରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତିର ଯୋଗଦାନ




ସପ୍ତଦଶ କଳିଙ୍ଗ ହର୍ବାଲ ମେଳାରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଷ୍ଟଲର ଭିତର ଦୃଶ୍ୟ





ସମ୍ମାନନୀୟ ଅତିଥି ମାନଙ୍କ ଦ୍ୱାରା ସପ୍ତଦଶ କଳିଙ୍ଗ ହର୍ବାଲ ମେଳାରେ ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଷ୍ଟଲ ପରିଦର୍ଶନ

## ସଫଳ କାହାଣୀ

ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ସମନ୍ୱୟ ମୂଳକ ପଦକ୍ଷେପ ଅଧୀନରେ ଅନେକ ସଫଳ କାହାଣୀ ସୃଷ୍ଟି ହୋଇଛି ।ସେମାନଙ୍କ ମଧ୍ୟରୁ ଅଧିକାଂଶ ଜୀବିକା ପ୍ରୋତ୍ସାହନ ଏବଂ ଗୋଷ୍ଠୀ ବିକାଶ ସହିତ ଜଡିତ, ଯାହା ସମନ୍ୱୟ ମାଧ୍ୟମରେ ଆମର ସଫଳତାକୁ ପ୍ରଦର୍ଶନ କରେ । ଜଙ୍ଗଲ ସମ୍ପଦର ସୁରକ୍ଷା ଏବଂ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ଅନେକ ବନ ସୁରକ୍ଷା ସମିତିର ଉଦାହରଣଯୋଗ୍ୟ ସଫଳତା ରହିଛି । ସେମାନଙ୍କ ମଧ୍ୟରୁ କେତେକ ଅତ୍ୟନ୍ତ ପ୍ରଶଂସନୀୟ ଏବଂ ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ ମାଇଲଖୁଣ୍ଟରେ ବିବେଚନା କରାଯାଏ । କିଛି ସେହି ସଫଳତାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଏଠାରେ ପ୍ରୟାସ କରାଯାଇଛି ।

### କାହାଣୀ- ୧

### କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧୀନ ତଳରାଚୁଗୁଡ଼ା ବନ ସୁରକ୍ଷା ସମିତିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା କୁକୁଡ଼ା ଚାଷର ସଫଳ କାହାଣୀ

କୁକୁଡ଼ା ପାଳନକୁ ଏକ ସଫଳ ଗ୍ରାମୀଣ ଉଦ୍ୟୋଗ ଭାବରେ ବିବେଚନା କରାଯାଏ, ଯାହା ମାଧ୍ୟମରେ ମହିଳା ସଦସ୍ୟାମାନେ ଭଲ ରୋଜଗାର କରି ପାରୁଛନ୍ତି । ଗ୍ରାମାଞ୍ଚଳରେ ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ, ଅଧିକାଂଶ ଉପଭୋକ୍ତାଙ୍କ ପସନ୍ଦ ଏବଂ ବଜାରର ନିକଟତରତା 'ମା' ଶିଙ୍ଗବାହିନୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ'ର ସଦସ୍ୟାମାନଙ୍କୁ କୁକୁଡ଼ା ପାଳନ ଉଦ୍ୟୋଗରେ ସଫଳତା ଦେଇ ପାରିଛି । ଗ୍ରାମା*ଳରେ ଲୋକମାନେ ସାଧାରଣତଃ ବଡ଼ବଡ କୁକୁଡ଼ାପାଳନ ଉଦ୍ୟୋଗ ପରିବର୍ତ୍ତେ ଛୋଟ ଓ ମଧ୍ୟମ କୁକୁଡ଼ାପାଳନ ୟୁନିଟ୍ କୁ ପସନ୍ଦ କରିଥାନ୍ତି, ଯାହାଦ୍ୱାରା ପରିବାରର ମହିଳା ସଦସ୍ୟାମାନେ ଏହାକୁ ସହଜରେ ପରିଚାଳନା କରିପାରିବେ । ଫଳରେ ଏହି ୟୁନିଟ୍ ଗୁଡ଼ିକ ଆଜିକାଲି ଲୋକପ୍ରିୟ ହେବାରେ ଲାଗିଛି । ଏହା ଅଳ୍ପ ପରିଶ୍ରମରେ ପରିବାରକୁ ଉଚ୍ଚ ମୂଲ୍ୟର ଅତିରିକ୍ତ ଆୟ ଏବଂ ପୋଷଣ ପ୍ରଦାନ କରିଥାଏ ।

କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ କରଲାପାଟ ଅଭୟାରଣ୍ୟ ରେଞ୍ଜ ଅଧୀନରେ ଥିବା ଦୁର୍ଗମ ଗାଁ ତଳରାଚୁଗୁଡ଼ାରେ ୪୫ଟି ପରିବାର ବାସ କରନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଦାରିଦ୍ର୍ୟ ସୀମା ରେଖା ତଳ ବର୍ଗର । ଗାଁରେ ମୋଟ ୪ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅଛନ୍ତି, ଯେଉଁମାନେ ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ବିଭିନ୍ନ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ ସବୁ କାର୍ଯ୍ୟକାରୀ କରୁଛନ୍ତି । ଆମ ଜଙ୍ଗଲ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପରେ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଏହି ପ୍ରକଳ୍ପ ମାଧ୍ୟମରେ ବିଭିନ୍ନ ଗୋଷ୍ଠୀ ବିକାଶ ଏବଂ ଜୀବିକା ପ୍ରୋତ୍ସାହନ କାର୍ଯ୍ୟରେ ସିଧାସଳଖ ଜଡିତ ଅଛନ୍ତି । ଫଳରେ ସଦସ୍ୟାମାନେ ଜୀବିକାର ବିବିଧ ଉତ୍ସ ମାଧ୍ୟମରେ ଭଲ ପରିମାଣର ଅତିରିକ୍ତ ଆୟ ଉପାର୍ଜନ କରିବାରେ ସକ୍ଷମ ହୋଇପାରିଛନ୍ତି । ବିଭିନ୍ନ ଜୀବିକାଭିତ୍ତିକ ବିକଳ୍ପ ମଧ୍ୟରୁ "ମା' ଶିଙ୍ଗବାହିନୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ" ଦ୍ୱାରା ଗ୍ରହଣ କରାଯାଇଥିବା ସାମୂହିକ କୁକୁଡ଼ା ପାଳନ ଲଘୁ ଉଦ୍ୟୋଗ ସବୁଠାରୁ ଲାଭଦାୟକ ଅଟେ । ଉପଯୁକ୍ତ ବୃତ୍ତିର ଚୟନ ଏହି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କ ପାଇଁ ଏକ ଆଶ୍ଚର୍ଯ୍ୟଜନକ ଫଳାଫଳ ଆଣିଦେଇଛି ।






ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ ହେବାର ପ୍ରାରମ୍ଭିକ ଅବଧିରେ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ୍ୟ ବିକାଶ ସଂଗଠନ ଆଦିବାସୀ ସମ୍ପ୍ରଦାୟର ପାରିବାରିକ ଆୟରେ ଉନ୍ନତି ଆଣିବା ପାଇଁ ଗ୍ରାମରେ ଗ୍ରାମୀଣ ଜୀବିକାର ଏକ ଆକଳନ କରିଥିଲା । ଏଥିରେ ପ୍ରକଳ୍ପ ଦଳ ଚିହ୍ନଟ କରିପାରିଥିଲେ ଯେ ଛୋଟ ଛୋଟ କୁକୁଡ଼ା ପାଳନ ୟୁନିଟ୍ ଗୁଡିକ ଗ୍ରାମର ମହିଳା ସଦ ସ୍ୟାମାନଙ୍କ ପାଇଁ ପରିବାରର ରୋଜଗାର ବୃଦ୍ଧି ପାଇଁ ଏକ ଉପଯୁକ୍ତ ବିକଳ୍ପ ହୋଇପାରେ । ଏହା ପରିଚାଳନା କରିବା ଏବଂ ଛୋଟ ଛୋଟ ୟୁନିଟର ଉତ୍ପାଦିତ ଦ୍ରବ୍ୟକୁ ଘର ନିକଟରେ ବିକ୍ରି କରିବା ସହଜ ହୋଇଥାଏ । ସ୍ଥାନୀୟ ବଜାରରେ କୁକୁଡାର ଚାହିଦା ଥିବାରୁ ସେମାନଙ୍କ ଅଞ୍ଚଳରେ ଛୋଟ କୁକୁଡ଼ା ୟୁନିଟ୍ ଆରମ୍ଭ କରିବାକୁ ପ୍ରକଳ୍ପ ଦଳ ମହିଳା ସଦସ୍ୟାମାନଙ୍କୁ ଉତ୍ସାହିତ କରିଥିଲା । ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଆଲୋଚନା ପରେ ଭବାନୀପାଟଣା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ନିକଟରେ ଏହି ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା । ଆବେଦନ ଔପଚାରିକତା ଓ

ଆବଶ୍ୟକ ତାଲିମ ସରିବା ପରେ ମା' ଶିଙ୍ଗ ବାହିନୀ ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟାଙ୍କୁ ୪୫ ଗୋଟି ବନରାଜ କୁକୁଡା ଛୁଆ ପାଳନ କରିବା ପାଇଁ ସହାୟତା ପ୍ରଦାନ କରାଯାଇଥିଲା । ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ସମ୍ପଳ ବିକାଶ ବିଭାଗ ପକ୍ଷରୁ ଏଥିପାଇଁ ବୈଷୟିକ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା ।

କୁକୁଡ଼ା ଘର, ପ୍ରାରମ୍ଭିକ ଦାନା (ଷ୍ଟାର୍ଟର୍ ଫିଡ୍)ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସହାୟତା ମଧ୍ୟ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ସମ୍ପଳ ବିକାଶ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିଲା । ଏହା ସଦସ୍ୟାମାନଙ୍କୁ ସେମାନଙ୍କ କୁକୁଡ଼ା

ୟୁନିଟ୍ ଗୁଡ଼ିକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବାରେ ସାହାଯ୍ୟ କରିଥିଲା । ୩୦ ଫୁଟ୍ ଘ ୧୨ ଫୁଟ୍ ର ୨ଟି କୁକୁଡା ପାଳନ କୋଠରୀରେ ପ୍ରାୟ ୪୫୦ ସଂଖ୍ୟକ ବନରାଜ କୁକୁଡା ପାଳନ କରାଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ କୁକୁଡ଼ା ପାଳନର ସଠିକ୍ ପରିଚାଳନା କାର୍ଯ୍ୟସୂଚୀ ମଧ୍ୟ ଅନୁସରଣ କରିଥିଲେ । ଯାହାର ଫଳାଫଳ ଅତ୍ୟନ୍ତ ପ୍ରେରଣାଦାୟକ ଥିଲା । ୪୫ ଦିନ ମଧ୍ୟରେ ଛୁଆମାନଙ୍କର ଶରୀରର ଓଜନ ପ୍ରାୟ ୧ରୁ ୧.୫ କିଲୋଗ୍ରାମ ଥିଲା ଯାହାକୁ ସଦସ୍ୟମାନେ ସ୍ଥାନୀୟ ବଜାରରେ ଗୋଟାକୁ ୨୦୦/- ଟଙ୍କାରେ ବିକ୍ରୟ କରିଥିଲେ, ଯାହା ଫଳରେ ପ୍ରତ୍ୟେକ ସଦସ୍ୟା ୨ ମାସ ମଧ୍ୟରେ କୌଣସି ବିଶେଷ ଧରଣର ଅସୁବିଧା ବିନା ବ୍ୟକ୍ତିଗତ ଭାବେ ୧୦,୦୦୦/- ଟଙ୍କା ଲେଖାଏଁ ଆୟ କରିବାରେ ସକ୍ଷମ ହୋଇଥିଲେ । ଏହି ପଦକ୍ଷେପ ଗ୍ରାମ ଏବଂ ଅଞ୍ଚଳର ଅନ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀକୁ ସେମାନଙ୍କ ପରିବାରର ଆୟ ବୃଦ୍ଧି ପାଇଁ ଛୋଟ କୁକୁଡ଼ା ୟୁନିଟ୍ କରିବାକୁ ପ୍ରେରଣା ଦେଇଥିଲା । ଏହି ପଦକ୍ଷେପରୁ ପ୍ରେରଣା ପାଇ ଏବେ ସମାନ ନୀତିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ



ଦ୍ୱାରା ପାଖାପାଖି ୫ ଗୋଟି ନୂଆ କୁକୁଡ଼ା ୟୁନିଟ୍ ଚାଲିଛି । ଏହା ସେମାନଙ୍କ ପରିବାର ପାଇଁ ଅତିରିକ୍ତ ରୋଜଗାର ଆଣିବା ସହିତ ସେମାନଙ୍କ ପରିବାର ପାଇଁ ପୁଷ୍ଟି ସୁରକ୍ଷା ଯୋଗାଇ ଦେଇ ପାରିଛି, ଯେଉଁଥିପାଇଁ ସେମାନେ ପ୍ରକଳ୍ପ ପ୍ରତି ସେମାନଙ୍କର କୃତଜ୍ଞତା ଜଣାଇଛନ୍ତି ।

### କାହାଣୀ- ୨

## ଗ୍ରାମର ସାମାଜିକ-ଅର୍ଥନୈତିକ ସଶକ୍ତୀକରଣରେ ବନ ସୁରକ୍ଷା ସମିତିର ରାଷ୍ଟ୍ରଦୂତ ଭୂମିକା; ଖରିଆର ବନଖଣ୍ଡ ଅଧୀନରେ ଡାବରୀ ବନ ସୁରକ୍ଷା ସମିତିର ଏକ ସଫଳ କାହାଣୀ

ଉକ୍ତ କାହାଣୀ ଟି କୃଷକ ଏବଂ ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସଫଳ ସମନ୍ୱୟକୁ ପ୍ରମାଣିତ କରେ, ଯାହା ବନ ସୁରକ୍ଷା ସମିତି ସଦସ୍ୟମାନଙ୍କୁ ସେମାନଙ୍କ ଆୟରେ ଉନ୍ନତି ଆଣିବା ପାଇଁ ସକ୍ଷମ କରିଥିଲା । ବିବିଧ ଜୀବିକା ବିକଳ୍ପର ଆବଶ୍ୟକତାକୁ ଲକ୍ଷ୍ୟ କରି ବନ ସୁରକ୍ଷା ସମିତି ସଦସ୍ୟମାନେ ବିଭିନ୍ନ ଜୀବିକା ମଡେଲ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ବିଭାଗ, ସମ୍ପ୍ରସାରଣ ସେବା ପ୍ରଦାନକାରୀ ଏବଂ ଆର୍ଥିକ ଅନୁଷ୍ଠାନସହ ଯୋଗାଯୋଗ କରିଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ନିବେଶ ସହାୟତା ଏବଂ ପ୍ରଭାବଶାଳୀ ବିପଣନ ନୀତି ମାଧ୍ୟମରେ ଏହି ପଦକ୍ଷେପ ସେମାନଙ୍କୁ ପାରମ୍ପରିକ ଜୀବିକା ଅଭ୍ୟାସଠାରୁ ଅଧିକ ଲାଭଦାୟକ ବୃତ୍ତିକୁ ପରିବର୍ତ୍ତନ କରିବାକୁ ସମର୍ଥ କରିଥିଲା । ଏହି ଭାଗିଦାରୀ ଯେ କେବଳ ଏହି ଅଞ୍ଚଳରେ ବୃତ୍ତିର ଅର୍ଥନୈତିକ ସାଧନ ଯୋଗ୍ୟତାକୁ ବୃଦ୍ଧି କରିନାହିଁ, ବରଂ ଏହି ଅଂଚଳର ସମ୍ପ୍ରଦାୟଗୁଡ଼ିକର ଜୀବିକା ପ୍ରୋତ୍ସାହନ ଏବଂ ଆୟ ବୃଦ୍ଧିରେ ସହଯୋଗୀ ଆଭିମୁଖ୍ୟର ସାମର୍ଥ୍ୟକୁ ମଧ୍ୟ ପ୍ରଦର୍ଶିତ କରିଥିଲା ।

ଖରିଆର ବନଖଣ୍ଡ ଅଧୀନ ଖରିଆର ରେଞ୍ଜର ଦକ୍ଷିଣଦିଗରେ ଅବସ୍ଥିତ ଡାବରୀ ନାମକ ଏକ ଜଙ୍ଗଲ ସୀମାନ୍ତ ଗ୍ରାମ, ଯେଉଁଠାରେ ୩୨୭ଟି ଅତ୍ୟନ୍ତ ଦାରିଦ୍ର୍ୟ ପୀଡ଼ିତ ପରିବାରର ପ୍ରାୟ ୧୨୫୦ ଲୋକ ବାସ କରନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଅନୁସୂଚିତ ଜନଜାତି ବର୍ଗର ଅଟନ୍ତି । ପରିବାରସଦସ୍ୟଙ୍କ ଜୀବିକା ନିର୍ବାହ ମୁଖ୍ୟତଃ କୃଷି, ଲଘୁ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଏବଂ ମଜୁରୀଭିତ୍ତିକ ଆୟରୁ ହୋଇଥାଏ ।

୨୦୧୬ ମସିହାରୁ ଆମ ଜଙ୍ଗଲ ଯୋଜନା ଅଧୀନରେ ଡାବରୀ ବନ ସୁରକ୍ଷା ସମିତି ଗଠନ ହୋଇଥିଲା । ଆମ ଜଙ୍ଗଲ ଯୋଜନା ଅଧୀନରେ ଜଙ୍ଗଲ ସୁରକ୍ଷା ଏବଂ ପୁନର୍ଜ୍ଜନନ ପାଇଁ ବନ ସୁରକ୍ଷା ସମିତିକୁ ଚୌଲମାଟି ପିଆରଏଫ ଅଧୀନରେ ୫୭ ହେକ୍ଟର ଅବକ୍ଷୟିତ ଜଙ୍ଗଲ ଜମି ବଣ୍ଟନ କରାଯାଇଥିଲା । ଗ୍ରାମଟି ଜଙ୍ଗଲ ନିକଟରେ ଅବସ୍ଥିତ ହୋଇଥିବାରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ଚାଷ ହିଁ ଗ୍ରାମବାସୀଙ୍କ ଜୀବିକାର ମୁଖ୍ୟ ଉତ୍ସ ଥିଲା । ଗ୍ରାମଟି ଆମ ଜଙ୍ଗଲ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପରଠାରୁ ଗ୍ରାମବାସୀ ଓ ବନ ସୁରକ୍ଷା ସମିତି ସଦସ୍ୟମାନେ ସକ୍ରିୟ ସଂପୃକ୍ତି ମାଧ୍ୟମରେ ଜଙ୍ଗଲ ସମ୍ପଦ ଏବଂ ପରିବେଶର ସୁରକ୍ଷା ପାଇଁ ଆଗ୍ରହ ପ୍ରକାଶ କରି ଆସୁଛନ୍ତି । ଜଙ୍ଗଲ ସମ୍ପଦ ପ୍ରତି ସେମାନଙ୍କର ଆକର୍ଷଣ ଅବକ୍ଷୟ ହୋଇଥିବା ଜଙ୍ଗଲକୁ ଏକ ଘଞ୍ଚ ଜଙ୍ଗଲ ଓ ଲାଭଜନକ ଲଘୁ ବନଜାତ ଦ୍ରବ୍ୟ ପୂର୍ଣ୍ଣ ଜଙ୍ଗଲରେ ପରିଣତ କରିପାରିଛି ।

ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ ହେବା ପରେ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବନ ସୁରକ୍ଷା ସମିତି ସଦସ୍ୟ ମାନଙ୍କ ପାଇଁ ଗାଁରେ ବିଭିନ୍ନ ଆୟ ସୃଷ୍ଟି କାର୍ଯ୍ୟକ୍ରମ ସବୁ କରାଯାଉଅଛି । ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ସଦସ୍ୟ ମାନଙ୍କ ସହଯୋଗରେ ଗାଁରେ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରାଯାଇଥିଲା । ପରିବାରଗୁଡ଼ିକୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଅନ୍ୟ ବିଭାଗ ସହ ସମନ୍ୱୟ ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ପ୍ରକଳ୍ପ ଦଳ ଜୀବିକା ପ୍ରୋତ୍ସାହନ ପଦକ୍ଷେପକୁ ସୁଗମ କରିଥିଲେ ଏବଂ ସମସ୍ତ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ସେବା ପ୍ରଦାନ କରିଥିଲେ । ଫଳସ୍ୱରୂପ, ବନ ସୁରକ୍ଷା ସମିତି ସଦସ୍ୟମାନେ ଛେଳି ପାଳନ, କୁକୁଡ଼ା ଚାଷ, ପନିପରିବା ଚାଷ ଏବଂ ଅନ୍ୟାନ୍ୟ ଅଣକୃଷିଭିତ୍ତିକ ବୃତ୍ତିରୁ ଯଥେଷ୍ଟ ରୋଜଗାର କରିବାରେ ସକ୍ଷମ ହୋଇଥିଲେ । ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲୋକଦୃଷ୍ଟିର ନିରନ୍ତର ଉଦ୍ୟମ ଫଳରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଉଦ୍ୟାନ କୃଷି ବିଭାଗ ଏବଂ ଅଜିମ ପ୍ରେମଜୀ ଫାଉଣ୍ଡେସନ ଭଳି ସମାଜସେବୀ ଅନୁଷ୍ଠାନ ଉକ୍ତ ଗ୍ରାମକୁ ବିଭିନ୍ନ ଉପାୟରେ ସହାୟତା କରିଛନ୍ତି ।

ଛେଳି ପାଳନ ଓ ଘର ଅଗଣାରେ କୁକୁଡ଼ା ପାଳନ ପାଇଁ ୩୦ଟି ଭୂମିହୀନ ପରିବାରକୁ ୨ଟି ଲେଖାଏଁ ଛେଳି ଓ ୧୦ଟି ଲେଖାଏଁ କୁକୁଡ଼ା, ୭ଟି ପରିବାରକୁ ଛୋଟ ଛୋଟ ଦୋକାନ ପାଇଁ ୧୪ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା, ଉଦ୍ୟାନ କୃଷି ବିଭାଗ ସହାୟତାରେ ପନିପରିବା ଚାଷ ଓ ଆମ୍ବ ଚାଷ ପାଇଁ ପ୍ରାୟ ସବୁ ପରିବାରକୁ ସହାୟତା ପ୍ରଦାନ କରାଯାଇ ଅଛି । ଉପରୋକ୍ତ ବ୍ୟତୀତ ଉଦ୍ୟାନ କୃଷି ବିଭାଗ ତରଫରୁ ବନ ସୁରକ୍ଷା ସମିତିର ୭ ଜଣ ଚାଷୀଙ୍କୁ ଆମ୍ବ ବଗିଚା ବିକାଶ ପାଇଁ ସହାୟତା ପ୍ରଦାନ କରାଯାଇଥିବା ବେଳେ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମାଧ୍ୟମରେ କ୍ଷୁଦ୍ର କୁକୁଡ଼ା ଚାଷ ଉଦ୍ୟୋଗ ପାଇଁ ୨ ଜଣ ବନ ସୁରକ୍ଷା ସମିତି ସଦସ୍ୟଙ୍କୁ ୧.୮ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି ।

କୃଷି ବିଭାଗ ଜରିଆରେ ଫସଲ ଚାଷ ପାଇଁ ତିନି ଜଣ ଚାଷୀଙ୍କୁ ପାଣି ପମ୍ପ ସେଟ୍ ସହାୟତା ଯୋଗାଇ ଦିଆଯାଇଛି । ଆନ୍ତଃ-ବିଭାଗୀୟ ସମନ୍ୱୟ ମାଧ୍ୟମରେ ନିଆଯାଇଥିବା ପଦକ୍ଷେପ ମଧ୍ୟରୁ ଏହା କିଛି ଶ୍ରେଷ୍ଠ ପଦକ୍ଷେପ ।

ବନ ସୁରକ୍ଷା ସମିତି ସଦସ୍ୟମାନଙ୍କ ସାମାଜିକ-ଅର୍ଥନୈତିକ ସଶକ୍ତୀକରଣରୁ ଏହି ପଦକ୍ଷେପର ପ୍ରଭାବ ସ୍ପଷ୍ଟ ଭାବେ ଦୃଶ୍ୟମାନ ହୁଏ । ପ୍ରାୟ ସବୁ ପରିବାର ଏବେ ହାରାହାରି ପ୍ରାୟ ୧୨-୧୫ ହଜାର ଟଙ୍କା ଅତିରିକ୍ତ ଆୟ କରିପାରୁଛନ୍ତି, ଯାହା ପ୍ରତ୍ୟେକ ପରିବାର ଏବେ ନିଜ ଘରର ଆବଶ୍ୟକତା ପୂରଣ କରିବା ସହ ସମ୍ମାନର ସହ ଜୀବନ ଯାପନ କରିବାରେ ସକ୍ଷମ ହୋଇପାରୁଛନ୍ତି ।




ଡାବରୀ ଗ୍ରାମରେ ଜୀବିକା ଯୋଜନା ପ୍ରସ୍ତୁତି




ସରକାରୀ ବିଭାଗର ପ୍ରତିନିଧି ମାନଙ୍କ ଉପସ୍ଥିତିରେ ଗ୍ରାମରେ ସମନ୍ୱୟଭିତ୍ତିକ ସଭା




ଜୀବିକା ଯୋଜନା ଅନୁମୋଦନ ପାଇଁ ସ୍ୱତନ୍ତ୍ର ଗ୍ରାମସଭା




ଭୁମିହିନ ପରିବାର ମାନଙ୍କ ପାଇଁ ଛେଳି ପାଳନ ସହାୟତା




ଭିଏସଏସ ସଭ୍ୟ ମାନଙ୍କୁ କ୍ଷୁଦ୍ର କୁକୁଡା ପାଳନ ଉଦ୍ୟୋଗ ପାଇଁ ସହାୟତା




ଡାବରୀ ଭିଏସଏସ ଅନ୍ତର୍ଗତ ଚାଷୀ ମାନଙ୍କୁ ପାଣି ପମ୍ପ ସହାୟତା

**ସମ୍ପାଦନା ମଣ୍ଡଳୀ**

ଯୋଗାଯୋଗ: **ଆମ ଜଙ୍ଗଲ ଯୋଜନା**
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି
SFTRI ପରିସର, ଘାଟିକିଆ, ଭୁବନେଶ୍ୱର
ଦୂରଭାଷ: ୦୬୭୪-୨୩୮୬୦୮୪, ୨୩୮୬୦୧୬
ଇ-ମେଲ୍: webmail@ofsdp.org

ମୁଖ୍ୟ ସମ୍ପାଦକ: ଡ଼ଃ ମୀତା ବିଶ୍ୱାଳ, ଭାରତୀୟ ବନ ସେବା
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଓ ପ୍ରକଳ୍ପ ନିର୍ଦ୍ଦେଶିକା
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି, ଭୁବନେଶ୍ୱର

ସମ୍ପାଦକ: ଶ୍ରୀ ବିଜୟ ରାମ ସେନାପତି
ବିଷୟବସ୍ତୁ ବିଶେଷଜ୍ଞ (ତାଲିମ ଓ ପ୍ରସାର), ଆମ ଜଙ୍ଗଲ ଯୋଜନା

*design and print: thirdeyecoindia@gmail.com*